# ୨. ବ୍ରାହ୍ମୀ

## ଉଦ୍ଭିଦ ପରିଚୟ

ଏହାଏକ ବହୁବର୍ଷିୟ ରସାଳ କୋମଳ ଉଦ୍ଭିଦ | କାଣ୍ଡ ଗୁଡିକ କୋମଳ, ଗ୍ରନ୍ଥୀଯୁକ୍ତ, ଇସଦ ସବୁଜ ରଙ୍ଗ ଏବଂ ଏହାର ପତ୍ର ଗୁଡିକ ଛୋଟ ଛୋଟ | ଏହା ପ୍ରାୟ ସନ୍ତସନ୍ତିଆ ଜାଗାରେ ବିଶେଷ କରି ଜଳାଶୟ ନିକଟରେ ଦେଖାଯାଇଥାଏ | ଏହା ଭାରତ ବର୍ଷ ର ପ୍ରାୟ ସବୁ ଅଂଚଳରେ ଦେଖାଯାଇଥାଏ |

ବୈଜ୍ଞାନିକ ନାମ - *Bacopa moniere*

ବେଙ୍ଗଲୀ ନାମ - ବ୍ରାହ୍ମୀ

ଓଡ଼ିଆ ନାମ - ବ୍ରାହ୍ମୀ

ହିନ୍ଦୀ ନାମ - ବ୍ରାହ୍ମୀ

ସଂସ୍କୃତ ନାମ - ବ୍ରାହ୍ମୀ

## ଚାଷ ପ୍ରଣାଳୀ

## ମୃର୍ତ୍ତିକା

ଏହି ଉଦ୍ଭିଦ ସନ୍ତସନ୍ତିଆ ମାଟିରେ ଭଲ ବଢିଥାଏ | ଯେଉଁ ମୃର୍ତ୍ତିକା ର ଜଳଧାରା ଶକ୍ତି ଅଧୀକାଥାଏ ଏବଂ ମୃର୍ତ୍ତିକା ର ପି ଚ ର ମାତ୍ରା ୬.୫ -୭.୫ ଥିଲେ ଏହା ଅଧିକ ଫଳପ୍ରଦ |

## ଜଳବାୟୁ

ଉଷ୍ଣ-ଆଦ୍ର ଜଳବାୟୁ ଏବଂ ଅଧିକ ବର୍ଷା ହେଉଥିବା ଅଂଚଳ ଏହି ଚାଷ ପାଇଁ ଉପଯୁକ୍ତ | ୩୩ ରୁ ୪୦ ଡିଗ୍ରୀ ତାପମାତ୍ରା ଏବଂ ବାୟୁରେ ୬୦ ରୁ ୭୦ ଡିଗ୍ରୀ ଆଦ୍ରତା ଥିବା ଅଂଚଳ ଚାଷ ପାଇଁ ଉପଯୁକ୍ତ |

## ମୁଖ୍ୟ କ୍ଷେତ ପ୍ରସ୍ତୁତି

ଜମି ପ୍ରସ୍ତୁତି ସମୟରେ ହେକଟରେ ପିଛା ୧୨ ଟନ ଗୋବର ଖତ ଏବଂ ୧୨୫ କିଲୋଗ୍ରାମ ଚୂନ ମିଶାଇ ୨-୩ ଓର ହଳ କରି ଜମିପ୍ରସ୍ତୁତି କରିବାକୁହେବ | ଚାରା ରୋପଣ ସମୟରେ ଜମିରେ ଜଳସେଚନ କରି ରୋପଣ କରିଲେ ଏହା ସୁବିଧା ଜନକ ହୋଇଥାଏ |

### ଚାରା ରୋପଣ

ସାଧାରଣତଃ ବ୍ରାହ୍ମୀ ଚାଷ କାଣ୍ଡ ରୋପଣ ମାଧ୍ୟମରେ କରାଯାଇଥାଏ କିନ୍ତୁ ଯେଉଁ କାଣ୍ଡ ରୋପଣ କରିବେ ତାହା ୩ ଟି ଗ୍ରନ୍ଥି ଯୁକ୍ତ ହୋଇଥିବା ଦରକାର | ଧାଡ଼ିକି ଧାଡି ୩୦ ସେ.ମି. ଓ ଚାରାକୁ ଚାରା ୩୦ ସେ. ମି ଅନ୍ତରରେ ରବାନା କରାଯାଏ | ହେକ୍ଟର ପ୍ରତି ୫୦,୦୦୦ କାଣ୍ଡ ରୋପଣ ପାଇଁ ଦରକାର ପଡିଥାଏ |

### ଜଳସେଚନ

ଏହି ଚାଷ ନିମନ୍ତେ ଅଧିକ ଜଳସେଚର ଆବଶ୍ୟକତା ପଡିଥାଏ | ବର୍ଷ ଦିନରେ ଯଦି ବର୍ଷା ଦିନରେ ଜଳସେଚନ ର ଆବଶ୍ୟକତା ପଡ଼ିନଥାଏ କିନ୍ତୁ ଅନ୍ୟ ଦିନରେ ପ୍ରତି ୩ ଦିନରେ ଥରେ ଜଳସେଚନ କରିଲେ ଗଛ ଗୁଡିକ ଭଲ ଭାବରେ ବଢିଥାଏ |

### ଘାସ ବାଛିବା

ପ୍ରତି ୩୦ ଦିନରେ ଥରେ ଘାସ ଓ ଅନାବନା ଗଛ ଗୁଡିକ କ୍ଷେତରୁ ସଫାକରିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ମୁଖ୍ୟ ଫସଲ ଯେପରି ନଷ୍ଟ ନହୁଏ |

### ରୋଗ ପୋକ ନିରାକରଣ

ବ୍ରାହ୍ମୀ ର କମ ରୋଗପୋକ ଦେଖା ଯାଇଥାଏ କାରଣ ତିକ୍ତ ରସ ଗୁଣ ହୋଇଥିବାରୁ ସାଧାରଣତ୍ଵ ରୋଗପୋକ ଦେଖାଯାଏନି , ଯଦିଓ କିଛି ସମସ୍ୟା ଦେଖା ଯାଏ ତାହେଲେ ୧୦୦ ଲିଟର ପାଣିରେ ୫ଲିଟର ନିମ ତେଲ ୨୦୦ ଗ୍ରାମ ଡିଟରଜେଣ୍ଟ ମିଶେଇ ଘୋଳ ପ୍ରସ୍ତୁତ କରି ପ୍ରୟୋଗ କରାଯାଏ କିନ୍ତୁ ଏହାର ପ୍ରୟୋଗ ଟାଣ ଖରା ହେଉଥିବା ସମୟରେ ପ୍ରୟୋଗ କଲେ ଉତ୍ତମ ଫଳ ମିଳିଥାଏ |

### ଅମଳ

ଚାରା ରୋପଣର ୪-୬ ମାସ ମଧ୍ୟରେ ଯେତେବେଳେ ଏହା ଫୁଲ ଫୁଟିବା ଆରମ୍ଭ କରିଥାଏ ଆମେ ଜାଣିବାଯେ ଏହା ଅମଳ କ୍ଷମ | ମୂଳ ଠାରୁ ୫ ସେ.ମି. ଛାଡି ଏକ ଧାରୁଆ ଛୁରୀରେ ଏହାକୁ କାଟିବା ଦରକାର ଯେପରି ଏହାର ମୂଳ ଉପୁଡି ନଯାଏ | ମୂଳରୁ ୫ସେ.ମି. ଛାଡି କାଟିବା ଦ୍ଵାରା ପ୍ରତି ୩ ମାସ ପରେ ଏହା ଅମଳ କ୍ଷମ ହୋଇଥାଏ |

### ଅମଳ ପରବର୍ତ୍ତୀ ଯତ୍ନ

ଯେହେତୁ ଏହାର ଶୁଖିଲା ପତ୍ର ବଜ଼ାରରେ ବିକ୍ରୟ ହୋଇଥାଏ ତେଣୁ ଏହାକୁ ସୁଖେଇବା ନିତ୍ୟାନ୍ତ ଜରୁରୀ | ଏହାକୁ ସିଧାସଳଖ ଖରାରେ ଶୁଖାଯାଏନାହିଁ କାରଣ ସିଧାସଳଖ ଖରାରେ ସୁଖେଇବା

ଦ୍ଵାରା ଏହାର ଔଷଧୀୟ ଗୁଣ ନଷ୍ଟ ହେବ ସହିତ ପତ୍ର ଗୁଡିକର ରଙ୍ଗ ପରିବର୍ତ୍ତନ ହୋଇଯାଇଥାଏ ଯାହା ଫଳରେ ବଜ଼ାର ମୂଲ୍ୟ ମଧ କମିଯାଇଥାଏ | ଅମଳ ହେଉଥିବା ଫସଲ କୁ ପ୍ରଥମେ ପରିଷ୍କାର ପାଣିରେ ଭଲଭାବରେ ଧୋଇ କରି ପାଣି ନିଗିଡି ଯିବାପର୍ଯନ୍ତ କିମ୍ଵା ପାଣି ସୁଖିଯିବା ପର୍ଯନ୍ତ ଖରାରେ ସୁଖେଇବାକୁ ହେବ ଯେପରି ଏଥିରେ କୌଣସି ବାଲି, ମାଟି କିମ୍ଵା କୌଣସି ଅପରିଷ୍କାର ଜିନିଷ ସଂସ୍ପର୍ଶ ରେ ନଆସେ | ପାଣି ନିଗିଡି ଯିବା ପରେ ବାୟୁ ଚଳାଚଳ ହେଉଥିବା ଗୃହ (Drying Shed ) ରେ ସୁଖେଇବାକୁ ହେବ ମଝିରେ ମଝିରେ ଏହାକୁ ଉପର ତଳ କରିବାକୁ ଯେପରି ଏଥିରେ ଫିମ୍ପି ନଲାଗେ କିମ୍ଵା ପଚିନଯାଏ | ଏହା ସମ୍ପୂର୍ଣ ସୁଖି ଗଲାପରେ ପରିଷ୍କାର ଥଳିରେ ରଖିବାକୁ ହେବ |

**ଆୟ ବ୍ୟୟ ଅଟକଳ**

୧. ହେକ୍ଟର ପିଛା ଖର୍ଚ୍ଚ

| **କ୍ରମିକ ନମ୍ବର** | **ଖର୍ଚ୍ଚ ବିଶେଷ** | **ପରିମାଣ** | **ଟଙ୍କା ର ପରିମାଣ** |
|---|---|---|---|
| ୧ | ବ୍ରାହ୍ମୀ କାଣ୍ଡ | ୫୦,୦୦୦ କାଣ୍ଡ | ୨୫,୦୦୦ |
| ୨ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦ |
| ୩ | ଗୋବର ଖତ | ୧୨ ଟନ | ୭,୫୦୦ |
| ୪ | ଚାରା ରୋପଣ | | ୬,୨୫୦ |
| ୫ | ଚୁନ ପ୍ରୟୋଗ | ୧୨୫ କେ.ଜି | ୧,୨୫୦ |
| ୬ | ଜଳସେଚନ | | ୩,୦୦୦ |
| ୭ | ଘାସ ବଛା | | ୩,୦୦୦ |
| ୮ | କୀଟନାଶକ | | ୫,୦୦୦ |
| ୯ | ଅମଳ | | ୭,୫୦୦ |
| | | **ମୋଟ** | **୬୩,୭୫୦** |

୨. ଆୟ

ଶୁଖିଲା ବ୍ରାହ୍ମୀ କିଲୋଗ୍ରାମ ପ୍ରତି ବଜ଼ାର ଦାମ - ୬୦.୦୦ ଟଙ୍କା

ହେକ୍ଟର ପ୍ରତି ଶୁଖିଲା ବ୍ରାହ୍ମୀ ଅମଳ -୮୦ କୁଇଣ୍ଟାଲ (୮,୦୦୦ କି.ଗ୍ରା )

ଆୟ - ୪,୮୦,୦୦୦ ଟଙ୍କା

**ଔଷଧୀୟ ବ୍ୟବହାର**

ରୋଗ ପ୍ରତିରୋଧକ ନିମନ୍ତେ:

୫ ଗ୍ରାମ ଓଜନର ବ୍ରାହ୍ମୀ ଅଗ୍ରଭାଗ କୁ ନେଇ ସକାଳୁ ଖାଲିପେଟରେ ଚୋବାଇ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବେ ସହିତ ସ୍ମରଣଶକ୍ତି ବୃଦ୍ଧି ହେଇଥାଏ |

ଚିକିତ୍ସା:

ସ୍ମରଣ ଶକ୍ତି ବୃଦ୍ଧି ନିମନ୍ତେ: ସକାଳୁ ଖାଲି ପେଟରେ ୧ କପ କ୍ଷୀର ରେ ୩ ଚାମଚ ବ୍ରାହ୍ମୀ ରସ ମିଶାଇ ସେବନ କରିଲେ ସ୍ମରଣ ଶକ୍ତି ବୃଦ୍ଧି ହେଇଥାଏ |

ଅଜିର୍ଣ ରୋଗରେ: ୨ ଚାମଚ ବ୍ରାହ୍ମୀ ରସ ସହିତ ୧ ଚିମୁଟା ଗୋଲମରିଚ ଗୁଣ୍ଡ ମିଶାଇ ସେବନ କରିଲେ ଅଜିର୍ଣ ରୋଗ ଭଲ ହେଇଥାଏ |

ଅମ୍ଳପିତ୍ତ ରୋଗରେ: ଚାମଚ ବ୍ରାହ୍ମୀ ରସ ସହିତ ସାମାନ୍ୟ ମିଶ୍ରି ମିଶାଇ ସେବନ କରିଲେ ଅମ୍ଳପିତ୍ତ ରୋଗ ଭଲ ହେଇଥାଏ |

ପରିସ୍ରା ପୋଡା: ୩ ଚାମଚ ବ୍ରାହ୍ମୀ ରସ ସହିତ ମହୁ ମିଶ୍ରିତ କରି ସେବନ କରି ବାରମ୍ବାର ସେବନ କରିଲେ ପରିସ୍ରା ପୋଡା କରି ଯାଇଥାଏ |

ଅନିଦ୍ରା: ୩ ଚାମଚ ବ୍ରାହ୍ମୀ ରସ ସହିତ କ୍ଷୀର ମିଶ୍ରିତ କରି ଶୋଇବା  ପୂର୍ବରୁ ସେବନ କରିଲେ ଅନିଦ୍ରା ରୋଗ ଦୂର ହେଇଥାଏ